# Akashvani, Sambalpur

## SAMBALPURI NEWS BULLETIN

### 04 October 2025 – 6.47- 6.52 am.

*********************************************

ପିଏମ୍ ଜନ୍‌ମନ୍ ଯୋଜ୍‌ନା I&PR

ପ୍ରଧାନ୍‌ମନ୍ତ୍ରୀ ଜନଜାତି ଆଦିବାସୀ ନ୍ୟାୟ ମହା ଅଭିଯାନ୍- ପିଏମ୍ ଜନ୍‌ମନ୍ ଯୋଜ୍‌ନା ଅଧୀନ୍‌ଥି ଓଡ଼ିଶାକେ ୨୪ କୋଟି ଟଙ୍କାର୍ ଅନୁଦାନ୍ ମିଲିଛେ । ରାଷ୍ଟ୍ରପତିଙ୍କର୍ ଅନୁମୋଦନ୍‌ଥି ୨୦୨୫-୨୬ ଆର୍ଥିକ୍ ବଛର୍ ଲାଗି ଓଡ଼ିଶାକେ ଇ ଟଙ୍କା ଦିଆଯାଇଥିବାର୍ ବାବ୍‌ଦେ କେନ୍ଦ୍ର ଗ୍ରାମୀଣ ବିକାଶ୍ ମନ୍ତ୍ରଣାଳୟ ତର୍‌ଫୁ ସୂଚ୍‌ନା ଦିଆଯାଇଛେ । ଇନ ଜନେଇ ଦିଆଯାଇପାରେ ଯେ, ଆଦିବାସୀ ସମ୍ପ୍ରଦାୟର୍ ଉନ୍ନତି ଲାଗି କେନ୍ଦ୍ର ତର୍‌ଫୁ ଇ ଯୋଜ୍‌ନା କାର୍ଯ୍ୟକାରୀ କରାଯାଉଛେ । ଇ ଯୋଜ୍‌ନା ଅଧୀନ୍‌ଥି ଅତି ଦୁର୍ବଲ୍ ଜନଜାତି ଗୋଷ୍ଠୀମାନ୍‌କର୍ ସାମାଜିକ୍, ଆର୍ଥିକ୍ ଉନ୍ନତି ଲାଗି ସେମାନ୍‌କୁ ଘର୍, ପିଇବାର୍ ପାଏନ୍, ସ୍ୱାସ୍ଥ୍ୟ, ଶିକ୍ଷା ବାଗିର୍ ମୌଳିକ୍ ସୁବିଧା ଯୁଗେଇ ଦିଆଯାଉଛେ ।

ଜଳବିଭାଜିକା କାର୍ଯ୍ୟକ୍ରମ୍ I&PR

କେନ୍ଦ୍ର କୃଷି ଆଉ କୃଷକ୍ କଲ୍ୟାଣ୍ ମନ୍ତ୍ରୀ ଶିବରାଜ୍ ସିଂ ଚୌହାନ୍ ଆଭାସୀ ଜରିଏ ନୂଆଁ ପିଢ଼ିର୍ ଜଲ୍‌ଛାୟା ବିକାଶ୍ ପ୍ରକଳ୍ପ, ପ୍ରଧାନ୍‌ମନ୍ତ୍ରୀ କୃଷି ସିଂଚାଇ ଯୋଜ୍‌ନାର୍ ଜଲ୍‌ଛାୟା ବିକାଶ୍ ଅଂଶ ଆର୍ ପିଏମ୍ ଆବାସ ଯୋଜ୍‌ନାର୍ ସମୀକ୍ଷା କରିଛନ୍ । ଇ ଅବ୍‌ସରେ ଉପମୁଖ୍ୟମନ୍ତ୍ରୀ ଆଉ କୃଷିମନ୍ତ୍ରୀ କନକ୍ ବର୍ଦ୍ଧନ୍ ସିଂହଦେଓ- ଓଡ଼ିଶାର୍ ଥିତି ଆଉ ତଥ୍ୟ ଉପସ୍ଥାପନ୍ କରିଛନ୍ । ଓଡ଼ିଶା ଲାଗି ଦର୍‌କାର୍ ହେଉଥିବା କେତେଟା ନୀତିଗତ ସଂସ୍କାର୍ ଯେନ୍ତାକି ଜଲ୍‌ଛାୟା ବିକାଶ୍ ପ୍ରକଳ୍ପ ଅଧୀନ୍‌ଥି ସମତଲ୍ ଇଲାକା ନ ହେକ୍ଟର୍ ପିଛା ୟୁନିଟ୍ ଖର୍ଚ୍ଚାକେ ୨୨ ହଜାର୍‌ନୁ ୨୬ ହଜାର୍‌କେ ବଢ଼ାବାର୍ ଆଉ ପାହାଡ଼ିଆ ଇଲାକା ନ ୨୮ ହଜାର୍‌ନୁ ୩୫ ହଜାର୍‌କେ ବଢ଼ାବାର୍ ଲାଗି କେନ୍ଦ୍ର ସର୍‌କାର୍‌ଙ୍କର୍ ନ ଉପମୁଖ୍ୟମନ୍ତ୍ରୀ ଶ୍ରୀ ସିଂହଦେଓ ଦାବି ଉପସ୍ଥାପନ୍ କରିଛନ୍ । ପ୍ରଧାନ୍‌ମନ୍ତ୍ରୀ ଧନଧାନ୍ୟ ଯୋଜ୍‌ନା ଅଧୀନ୍‌ଥି ଓଡ଼ିଶାର୍ ୪ ଟା ଜିଲ୍ଲା ନୂଆପଡ଼ା, ସୁନ୍ଦର୍‌ଗଡ୍, ମାଲ୍‌କାନ୍‌ଗିରି ଆର୍ କନ୍ଧମାଲ୍‌କେ ସାମିଲ୍ କରାଯାଇଥିବାର୍‌ନୁ ଉପମୁଖ୍ୟମନ୍ତ୍ରୀ -କେନ୍ଦ୍ର କୃଷିମନ୍ତ୍ରୀଙ୍କୁ ଧନ୍ୟବାଦ ଜନେଇଛନ୍ ।

ମୁଖ୍ୟମନ୍ତ୍ରୀ ଅଭିଯୋଗ୍ ଶୁଣାଣି ବନ୍ଦ        I&PR

ଭୁବ୍‌ନେଶ୍ୱର୍ ଠାନେ ଆଏବା ସୋମ୍‌ବାର୍ ହେବାର୍‌କେ ଥିବା ଜନ ଅଭିଯୋଗ୍ ଶୁଣାଣି ବନ୍ଦ୍ ରହେବା । ମୁଖ୍ୟମନ୍ତ୍ରୀଙ୍କର୍ ଅଲ୍‌ଗା ଜରୁରୀ

କାମ୍ ଥିବାର୍‌ନୁ ଶୁଣାଣି ନାଇଁ ହୁଏ । ଆଏବା ଶୁଣାଣି ତାରିଖ୍ ଗଣମାଧ୍ୟମ୍ ଜରିଏ ଲୁକ୍‌କୁ ଜନେଇ ଦିଆଯିବା ବଲି ସାଧାରଣ୍ ପ୍ରଶାସନ୍ ଆଉ ସାଧାରଣ୍ ଅଭିଯୋଗ୍ ବିଭାଗ୍ ତର୍‌ଫୁ ସୂଚ୍‌ନା ଦିଆଯାଇଛେ ।

କେନ୍ଦ୍ର ସର୍‌କାର୍ - ସ୍ୱଚ୍ଛତା ଅଭିଯାନ୍        ଆର୍‌ଏନ୍‌ୟୁ/ କଟକ୍

ଗାନ୍ଧୀ ଜୟନ୍ତୀ ଅବ୍‌ସରେ କେନ୍ଦ୍ର ସର୍‌କାର୍‌ଙ୍କର୍ ତର୍‌ଫୁ ମୁଲ୍ ହେଇଥିବା ଖାସ୍ ସ୍ୱଚ୍ଛତା ଅଭିଯାନ୍ ଇ ମାସର୍ ୩୧ ତାରିଖ୍‌ତକ୍ ଚାଲ୍‌ବା । ଭିନ୍ ଭିନ୍ ମନ୍ତ୍ରଣାଲୟର୍ ପ୍ରଶାସନିକ୍ ସଂସ୍କାର୍ ଦକ୍ଷତା ବୃଦ୍ଧି ନାଗରିକ୍ କୈନ୍ଦିକ୍ ଶାସନ୍ ବ୍ୟବସ୍ଥା ଅଭିଯୋଗ୍ ମାନ୍‌କର୍ ସମାଧାନ୍ ଆଉ ଇ -ବର୍ଜ୍ୟବସ୍ତୁର୍ ସୁପରିଚାଲନା ଦିଗେ ପଦକ୍ଷେପ୍ ନିଆଯାଉଛେ । ମିଲିଥିବା ସୂଚ୍‌ନା ଅନ୍‌ସାରେ ଇ ସମିଆ ଭିତ୍‌ରେ କୃଷି ମନ୍ତ୍ରଣାଲୟ ତର୍‌ଫୁ ୭ ଶହ ୫୩ ଟା ପ୍ରସ୍ତାବ୍‌ର ଅନୁମୋଦନ୍ ଆଉ ୧ ଲାଖ୍ ୭୦ ହଜାର୍ ବକେୟା ଅଭିଯୋଗ୍‌ର ସମାଧାନ୍ ଲାଗି ଲକ୍ଷ୍ୟ ରଖାଯାଇଛେ ।

ବିଶ୍ୱ ପ୍ରାଣୀ ଦିବସ        ଆର୍‌ଏନ୍‌ୟୁ ସମ୍ବଲପୁର୍

ଆଏଜ୍ ହେଉଛେ ବିଶ୍ୱ ପ୍ରାଣୀ ଦିବସ୍ । ସାରା ପୁର୍‌ଥି ନ ଜୀବଜନ୍ତୁମାନ୍‌କର୍ କଲ୍ୟାଣ୍ ଲାଗି ଲୋକ୍‌ମାନ୍‌କୁ ସଚେତନ୍

କର୍‌ବାର୍‌କେ ୧୯୨୯ ମସିହାନୁ ଇ ଦିନ୍ ପାଲନ୍ କରାଯାଉଛେ । ପରିବେଶ୍‌ର ସନ୍ତୁଳନ୍ ପ୍ରାଣୀମାନ୍‌କର୍ ସୁରକ୍ଷା ଆଉ ସଂରକ୍ଷଣ୍ ଲାଗି ଇ ଦିବସ୍ ପାଲନ୍ କରାଯାଉଛେ ।

ଇ ଅବ୍‌ସରେ ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ତାଙ୍କର୍ ବାର୍ତାଥି କହିଛନ୍, ଗୁଟେ ସନ୍ତୁଲିତ୍ ପରିବେଶ୍ ଆଉ ଜୈବ ବିବିଧତାକେ ବଜାୟ ରଖ୍‌ବାର୍ ଲାଗି ପ୍ରାଣୀମାନ୍‌କର୍ ଖାସ୍ ଭୂମିକା ରହିଛେ, ଆସୁନ୍ ପ୍ରାଣୀମାନ୍‌କର୍ ଲାଗି ସମ୍ବେଦନ୍‌ଶୀଲ୍ ହେଇକରି ଇ ପୁର୍‌ଥିକେ ସୁନ୍ଦର୍ ହିସାବେ ଗଢ଼୍‌ମା ।

ବନ୍ୟପ୍ରାଣୀ ସପ୍ତାହ ଆର୍‌ଏନ୍‌ୟୁ/ କଟକ୍

ଦେଶେ ବନ୍ୟପ୍ରାଣୀ ସପ୍ତାହ ଗଲା ୨ ତାରିଖ୍‌ନୁ ଆଏବା ୮ ତାରିଖ୍‌ତକ୍ ପାଲନ୍ କରାଯାଉଛେ । ବନ୍ୟପ୍ରାଣୀମାନ୍‌କୁ ସୁରକ୍ଷା ଦେବାର୍ ଆର୍ ଇ ବାବ୍‌ଦେ ଜନସଚେତନତା ସୃଷ୍ଟି କର୍‌ବାର୍‌ଟା ଇ ସପ୍ତାହ ପାଲନ୍‌ର ମୁଲ୍ ଉଦ୍ଦେଶ୍ୟ ଆଏ । ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ଆର୍ ଜଙ୍ଗଲ ପରିବେଶ ଆର୍ ଜଲ୍‌ବାୟୁ ପରିବର୍ତନ୍ ମନ୍ତ୍ରୀ ଗଣେଶ୍ ରାମ୍ ସିଂ ଖୁଂଟିଆ ବନ୍ୟପ୍ରାଣୀ ସପ୍ତାହ ପାଲନ୍ ଅବ୍‌ସରେ ଜୀବେ ଦୟା ସଂସ୍କୃତିକେ ପାଲନ୍ କର୍‌ବାର୍ ଉପ୍‌ରେ ଜୋର୍ ଦେଇଛନ୍ । ଭିନ୍ ଭିନ୍ ବାର୍ତାଥି ସେମାନେ ବନ୍ୟପ୍ରାଣୀମାନ୍‌କର୍ ସଂରକ୍ଷଣ୍, ରହେବାର୍ ଜାଗାର୍ ସୁରକ୍ଷା ଆର୍

ସେମାନ୍‌କର୍ ସଂଖ୍ୟା ବଢ଼ାବାର୍ ଲାଗି ସମ୍‌କର୍ ସହଯୋଗ୍ କାମନା କରିଛନ୍ ।

ପଂଚାୟତିରାଜ୍ ମନ୍ତ୍ରୀ- ସମୀକ୍ଷା ନୂଆପଡ଼ା ସମ୍ବାଦଦାତା

ପଂଚାୟତିରାଜ୍ ଆଉ ପାନୀୟ ଜଳ ବିଭାଗ୍ ମନ୍ତ୍ରୀ ରବିନାରାୟଣ୍ ନାଏକ୍ ଗଲାକାଏଲ୍ ନୂଆପଡ଼ା ଜିଲ୍ଲା ଗସ୍ତଥି ଆସିକରି ଜିଲ୍ଲାସ୍ତରୀୟ ଅଧିକାରୀମାନ୍‌କର୍ ଗୁଟେ ସମୀକ୍ଷା ବୈଠକ୍‌ଥି ଯୋଗ୍ ଦେଇଛନ୍ । ଇ ଅବ୍‌ସରେ ଜିଲ୍ଲା ପ୍ରଶାସନ୍ ତର୍‌ଫୁ କରାଯାଇଥିବା ଥରେ ବେଭାର୍ ହଉଥିବା ପ୍ଲାଷ୍ଟିକ୍ ମୁକ୍ତ ଅଭିଯାନ୍ ଆଉ ପ୍ରବାସୀ ଶ୍ରମିକ୍ ପ୍ରଥାକେ ବନ୍ଦ୍ କର୍‌ବାର୍ ଲାଗି ନିଆଯାଇଥିବା ପଦକ୍ଷେପ୍‌କେ ମନ୍ତ୍ରୀ ଶ୍ରୀ ନାଏକ୍ ପ୍ରଶଂସା କରିଛନ୍ । ସବୁ ଅଧିକାରୀ ଆଉ ଜନପ୍ରତିନିଧି ମାନ୍‌କର୍ ସହଯୋଗ୍‌ଥି ଜିଲ୍ଲାକେ ବହୁତ୍ ଆଗ୍‌କେ ନେବାର୍‌କେ ମନ୍ତ୍ରୀ ଆହ୍ୱାନ୍ ଦେଇଛନ୍ ।

ପାଣିପାଗ ଆର୍‌ଏନ୍‌ୟୁ/ ସମ୍ବଲପୁର

ବଙ୍ଗୋପସାଗର ନ ହେଇଥିବା ଗଭୀର ଅବପାତ ପାରାଦୀପ୍ ଆର୍ ଗୋପାଲ୍‌ପୁର୍ ଦେଇକରି ପାର୍ କରିଛେ । ଇତାର୍ ପ୍ରଭାବ୍‌ଥି ରାଜ୍ୟର୍ ଭିନ୍ ଭିନ୍ ଜାଗା ନ ଝଁକେର୍ ଲାଗିରହିଛେ । ଖାସ୍ କରି ଦକ୍ଷିଣ ଓଡ଼ିଶା ନ

ଜବର୍ ବର୍ଷା ହଉଛେ । ସେଆଡ଼େ ଆଏବା ୨୪ ଘଂଟା ଭିତ୍ରେ ସୁନ୍ଦର୍ଗଡ଼୍ ଆଉ ଝାର୍ସୁଗୁଡ଼ା ଜିଲ୍ଲା ନ ଅତି ଜବର୍ ବର୍ଷା ଲାଗି ଭୁବ୍ନେଶ୍ୱର ଆଂଚଲିକ୍ ପାଣିପାଗ ବିଜ୍ଞାନ କେନ୍ଦ୍ର ତର୍ଫୁ ସତର୍କ ସୂଚ୍ନା ଜାରି କରାଯାଇଛେ । ସେନ୍ତା ସମ୍ବଲ୍ପୁର୍, ବଲାଙ୍ଗିର୍, ବର୍ଗଡ଼୍, ନୂଆପଡ଼ା ସହେତେ ରାଜ୍ୟର୍ ୨୮ ଟା ଜିଲ୍ଲା ନ ଭିଲ୍ ବର୍ଷା ଅନୁମାନ୍ କରାଯାଇଛେ ।

ସେଆଡ଼େ ହୀରାକୁଦ୍ ଜଲ୍ଭଣ୍ଡାର୍ନୁ ୬ ଟା ଗେଟ୍ ଦେଇକରି ପାଏନ୍ ଛଡ଼ାଯାଉଛେ । ସଖାଲର୍ ୬ ବଜେତକ୍ ଜଲ୍ଭଣ୍ଡାର୍ର ଜଲ୍ସ୍ତର୍ ୬ ଶହ ୨୭ ଦଶ୍ମିକ୍ ୯/୧ ଫୁଟ୍ ରହିଛେ ।